ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/COVID-19(OD)/225/13-05-2021

# ପ୍ରେସ୍ ବିବୃତି

ଭୁବନେଶ୍ୱର :୧୩ ମଇ, ୨୦୨୧

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କୋଭିଡ୍-୧୯ ରୋଗୀମାନଙ୍କ ଚିକିତ୍ସା କରୁଥିବା ଘରୋଇ ଡାକ୍ତରଖାନାଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବା ଏବଂ ଅଧିକ ଅର୍ଥ ଆଦାୟ ସହ ଅନୈତିକ ଲାଭକୁ ରୋକିବା ସକାଶେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଦର ଅନୁଯାୟୀ ଅର୍ଥ ଦେୟକୁ ସୁନିଶ୍ଚିତ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ବିଶ୍ୱ ନର୍ସିଂ ଦିବସରେ ଓଡ଼ିଶାର କୋଭିଡ୍ ଯୁଦ୍ଧକୁ ଦୃଢ଼ତାର ସହ ଲଢୁଥିବା ରାଜ୍ୟର ବିଭିନ୍ନ ଡାକ୍ତରଖାନାର ନର୍ସମାନଙ୍କ ସହ କଥା ହୋଇ ଶୁଭେଚ୍ଛା ଜଣାଇଛନ୍ତି । ନିଜର ବ୍ୟକ୍ତିଗତ ସୁଖଦୁଃଖକୁ ପଛରେ ପକାଇ ସେମାନେ ଯେପରି ରୋଗୀଙ୍କୁ ନିଷ୍ଠାର ସହ ସେବା ଯୋଗାଇ ଚାଲିଛନ୍ତି ତାହାର ତୁଳନା ନାହିଁ ବୋଲି ଉଲ୍ଲେଖ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ତ୍ୟାଗ ଓ ନିଷ୍ଠା ଯୁଗଯୁଗକୁ ପ୍ରେରଣା ହୋଇ ରହିବ ବୋଲି ପ୍ରକାଶ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କୋଭିଡ୍ ଦ୍ୱିତୀୟ ଲହରୀର ମୁକାବିଲା ପାଇଁ ବଲାଙ୍ଗୀର ଜିଲ୍ଲାକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨ କୋଟି ଟଙ୍କା ମଂଜୁର କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ବିଶିଷ୍ଟ ସାହିତ୍ୟିକ ସଚ୍ଚି ରାଉତରାୟଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଓଡ଼ିଆ ଭାଷା ଓ ସାହିତ୍ୟ ଜଗତକୁ ସମୃଦ୍ଧ କରୁଥବବା ତାଙ୍କ ସୃଜନ ସୃଷ୍ଟି ତାଙ୍କୁ 'ଜନକବି' ଭାବେ ପରିଚିତି ଦେଇଥିଲା ବୋଲି ଉଲ୍ଲେଖ କରି ମାନ୍ୟବର ମୁଖ୍ୟମନ୍ତ୍ରୀ 'ବାଜି ରାଉତ', 'ପଲ୍ଲୀଶ୍ରୀ', 'ମଶାଣିର ଫୁଲ', 'ଛାଇ' ପରି ଉଲ୍ଲେଖନୀୟ ସୃଜନ ସୃଷ୍ଟି ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ ବୋଲି କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଭଞ୍ଜନଗର ଉପଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର ମିଞ୍ଜ ଅନ୍ୟମାନଙ୍କ ସହିତ ଭଞ୍ଜନଗର ଉତ୍ସର୍ଗୀକୃତ କୋଭିଡ୍ ଯତ୍ନ କେନ୍ଦ୍ରରେ କୋଭିଡ୍-୧୯ରେ ମୃତ୍ୟୁବରଣ କରିଥିବା ଜନୈକ ୬୫ ବର୍ଷ ବୟସ୍କ ବ୍ୟକ୍ତିଙ୍କର ଶେଷକୃତ୍ୟ ସଂପନ୍ନ କରି ମାନବିକତାର ଦୃଷ୍ଟାନ୍ତ ଦେଇଥିବାରୁ ତାଙ୍କୁ ପ୍ରଶଂସା କରିଛନ୍ତି । ଏଭଳି ମାନବିକ ବ୍ୟବହାର ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ଶ୍ରୀ ବିଷ୍ଣୁପଦ ସେଠୀ, ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସଂପର୍କ ବିଭାଗ ଆଜି ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ ତଥା କୋଭିଡ୍ ମାର୍ଗଦର୍ଶିକା ପ୍ରଚାର

ଅଭିଯାନ ବାବଦରେ ସମୀକ୍ଷା କରିଛନ୍ତି ଓ ୫-'ଟି' ଓ 'ମୋ ସରକାର' କାର୍ଯ୍ୟକ୍ରମ ଆଧାରରେ ଉତ୍ତମ ସେବା ଯୋଗାଇଦେବା ନିମନ୍ତେ ସମସ୍ତଙ୍କୁ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେ ମଧ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସାମ୍ବାଦିକ କଲ୍ୟାଣ ଯୋଜନାଗୁଡ଼ିକର ରୂପାୟନକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

➢ ଆଜି ଶ୍ରୀ ଯଶୋବନ୍ତ କୁମାର ଜେଠ୍ୱା, ଏଡିଜି, ପୁଲିସ (ଆଇନ-ଶୃଙ୍ଖଳା), ଶ୍ରୀ ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ପୁଲିସ କମିଶନର, ଭୁବନେଶ୍ୱର-କଟକ, ଡ. ଉମାଶଙ୍କର ଦାଶ, ଡେପୁଟି କମିଶନର, ଭୁବନେଶ୍ୱର ଏବଂ ଶ୍ରୀ ପ୍ରତୀକ ସିଂ, ଡେପୁଟି କମିଶନର, କଟକ ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ମାର୍ଗଦର୍ଶିକା, ଟିକାକରଣ ଅଭିଯାନ ଏବଂ ଆଇନ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସଂପର୍କରେ ସୂଚନା ଦେଇଛନ୍ତି । କୋଭିଡ୍ ସଂପୃକ୍ତ ସାମଗ୍ରୀଗୁଡ଼ିକର ବେଆଇନ ମହଜୁଦ ଓ କଳାବଜାର ବିରୁଦ୍ଧରେ ରାଜ୍ୟବ୍ୟାପୀ ଅଭିଯାନ ଅବ୍ୟାହତ ରହିଥିବା କଥା ସେମାନେ ପ୍ରକାଶ କରିଛନ୍ତି ।

- ଜନସାଧାରଣ ବିଭିନ୍ନ ସମସ୍ୟା ବାବଦରେ ୨୪ ଘଣ୍ଟିଆ ହେଲପ୍‌ଲାଇନ୍ ୧୦୦ ଓ ୧୧୨, ବରିଷ୍ଠ ନାଗରିକ ସେମାନଙ୍କ ଅଭିଯୋଗ ନିମନ୍ତେ ୮୦୯୩୦୨୮୧୦୦ ଓ ବିବାହ ତଥା ଦାହସଂସ୍କାର ସଂପର୍କିତ ସୂଚନା ନିମନ୍ତେ ୮୧୪୪୨୦୭୧୦୦ ନମ୍ବରରେ ଯୋଗାଯୋଗ କରିବା ନିମନ୍ତେ ଅନୁରୋଧ କରାଯାଇଛି । ସେମାନେ ମଧ୍ୟ ସମସ୍ତଙ୍କୁ କୋଭିଡ୍ ନିୟମର କଠୋର ଅନୁପାଳନ ନିମନ୍ତେ ପରାମର୍ଶ ଦେଇଛନ୍ତି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୧,୦୭,୧୩,୦୯୮ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୫,୭୬, ୨୯୭ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୪,୭୩, ୬୮୦ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୨୨୫୧ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୧,୦୦,୩୧୩ରହିଛି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**'ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ'**